# ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ବିବରଣୀ ପ୍ରତି ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞଦଳଙ୍କ ସୁଚିନ୍ତିତ ମୂଲ୍ୟାୟନ ଓ ସୁପାରିସ୍ ରିପୋର୍ଟ ।

## (ସୋନପୁର ପୌରାଂଚଳରେ ମହାନଦୀ ପୋଲଠାରୁ (୦.୦ କି.ମି.ରୁ ୩/୨୬୦କି.ମି.) ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଦେଇ କୁଞ୍ଜ ଛକ ପର୍ଯ୍ୟନ୍ତ ଚରିଥାକିଆ ପ୍ରଶସ୍ତିକରଣ ରାସ୍ତା କାର୍ଯ୍ୟ ପାଇଁ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ)

### ବୈଧାନିକ ବ୍ୟବସ୍ଥା :

ମହାନଦୀ ପୋଲଠାରୁ (୦.୦ କି.ମି.ରୁ ୩୨୬୦କି.ମି.) ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଦେଇ କୁଞ୍ଜ ଛକ ପର୍ଯ୍ୟନ୍ତ ଚରିଥାକିଆ ପ୍ରଶସ୍ତିକରଣ ରାସ୍ତା କାର୍ଯ୍ୟ ପାଇଁ ପ୍ରସ୍ତାବ ପ୍ରାପ୍ତ ହେବା ପରେ ତତ୍ ସମ୍ପର୍କେ ସଠିକ୍ କ୍ଷତି ପୂରଣ ଅଧିକାର ଏବଂ ଜମି ଅଧିଗ୍ରହଣରେ ସ୍ୱଚ୍ଛତା, ଥଇଥାନ ଓ ପୁନର୍ବାସ ଆଇନ୍ ୨୦୧୩ର ଧାରା ୫ ଅନୁଯାୟୀ ଆବଶ୍ୟକ ହେଉଥିବା ସାମାଜିକ ପ୍ରଭାବ ନିର୍ଦ୍ଧାରଣ ସର୍ବେକ୍ଷଣ କରିବା ପାଇଁ ନିମ୍ନମତେ ଅଧିସୂଚନା ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଦ୍ୱାରା ପ୍ରକାଶନ ହୋଇଅଛି ।

ଅଧିସୂଚନା

| କ୍ର.ନଂ. | ତହସିଲ | ମୌଜା | ପ୍ରସ୍ତାବିତ ଅଧିଗ୍ରହଣ ବ୍ୟକ୍ତିଗତ ଜମି | ଅଧିସୂଚନା ସଂଖ୍ୟା ଓ ତାରିଖ |
|---|---|---|---|---|
| ୧ | ସୋନପୁର | ୟୁନିଟ୍ – ୧ | ୦.୮୨୧ ଏକର | ୨୩୬୬୪/ଆର୍.ଏନ୍.ଡ଼ି.ଏମ୍. |
| ୨ | ସୋନପୁର | ୟୁନିଟ୍ – ୨ | ୧.୪୭୫ ଏକର | ତା.୧୧.୦୮.୨୦୨୧ |
| ୩ | ସୋନପୁର | ୟୁନିଟ୍ – ୩ | ୦.୭୦୩ ଏକର | |
| | ମୋଟ | | ୨.୯୯୯ ଏକର | |

### ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ

ଓଡ଼ିଶା ସରକାରଙ୍କ ଅଧିସୂଚନା ମତେ 'ସାମାଜିକ ପ୍ରଭାବ ନିର୍ଦ୍ଧାରଣ ସର୍ବେକ୍ଷଣ'ର ଭାର ରାଜ୍ୟ ସର୍ବେକ୍ଷଣ ଅନୁଷ୍ଠାନ ନବକୃଷ୍ଣ ଚୌଧୁରୀ ସେଣ୍ଟର ଫର ଡ଼େଭଲପମେଣ୍ଟ ଷ୍ଟଡ଼ିଜ୍ (ଏସ୍.ସି.ଡ଼ି.ଏସ୍), ଭୁବନେଶ୍ୱରଙ୍କୁ ନ୍ୟସ୍ତ କରାଯାଇଥିଲା । ତତ୍‌ପଶ୍ଚାତ୍, ନବକୃଷ୍ଣ ଉନ୍ନୟନ କେନ୍ଦ୍ର (ଏନ୍.ସି.ଡ଼ି.ଏସ୍.), ନିର୍ଦ୍ଦେଶକ, ସୋସାଇଟି ଫର ଟ୍ରେନିଙ୍ଗ୍ ଆକ୍‌ସନ ରିସର୍ଚ୍ଚ ଏଣ୍ଡ୍ ରିହାବିଲିଟେସନ୍ (ଷ୍ଟାର,) ଭୁବନେଶ୍ୱରଙ୍କୁ ଉକ୍ତ କାର୍ଯ୍ୟ ସମ୍ପାଦନ କରିବାର ଦାୟିତ୍ୱ ପ୍ରଦାନ କରିଥିଲେ ।

ଏହି ସର୍ବେକ୍ଷଣ ସଂସ୍ଥା ଆଇନ୍‌ର ଆବଶ୍ୟକତା ଅନୁସାରେ ସର୍ବେକ୍ଷଣ ମାଧ୍ୟମରେ ସର୍ଭେ କରି ପ୍ରକଳ୍ପ ପ୍ରଭାବିତ ପରିବାର, ପ୍ରକଳ୍ପ ପ୍ରଭାବିତ ଜନସଂଖ୍ୟା, ସାମାଜିକ ବିବରଣୀ, ପରିବାରର ସମ୍ପୂର୍ଣ୍ଣ ବିବରଣୀ, ଜୀବିକା ଆୟର ପନ୍ଥା, ପରିବାରର ମୋଟ ବ୍ୟୟ, ପରିବାରର ଆସବାବ ପତ୍ର, ପ୍ରଭାବିତ ହେବାକୁ ଥିବା କୋଠାବାଡ଼ି, ବ୍ୟବସାୟିକ ବା ଆତ୍ମନିଯୁକ୍ତି ଭିତ୍ତିକ କାର୍ଯ୍ୟପନ୍ଥା ନିଯୁକ୍ତିର ପ୍ରଣାଳୀ ପ୍ରଭୃତି ସାକ୍ଷାତ୍‌କାର ସୂଚୀରେ ଏକ ପୂର୍ଣ୍ଣାଙ୍ଗ ବିବରଣୀ ପ୍ରସ୍ତୁତ କରିଛନ୍ତି ।

ଉକ୍ତ ବିବରଣୀ ଆଧାରରେ ଆବଶ୍ୟକ ଅନୁଯାୟୀ ଏକ ସାମାଜିକ ପ୍ରଭାବ ପରିଚାଳନା ଯୋଜନା (ଏସ୍.ଆଇ.ଏମ୍.ପି.) ମଧ୍ୟ ପ୍ରସ୍ତୁତ କରିଛନ୍ତି ।

ଜନଶୁଣାଣୀ (ଧାରା-୫)

ଉଚିତ୍ କ୍ଷତି ପୂରଣ ଏବଂ ଭୂମି ଅଧିଗ୍ରହଣରେ ସ୍ୱଚ୍ଛତା, ଥଇଥାନ ଓ ପୁନର୍ବାସ ଆଇନ-୨୦୧୩, ଧାରା-୫ ଅନୁସାରେ ସ୍ଥାନ, ତାରିଖ ଓ ସମୟ ସଂକ୍ରାନ୍ତରେ ସର୍ବସାଧାରଣଙ୍କୁ ଯଥେଷ୍ଟ ପୂର୍ବରୁ ପ୍ରଚାର ମାଧ୍ୟମରେ ଜଣାଯାଇଥିଲା ।

ଆୟୋଜିତ ଜଣଶୁଣାଣୀ ବୈଠକ ସଂପୃକ୍ତ ୩ ଗୋଟି ପ୍ରଭାବିତ ୟୁନିଟ୍ ଯଥା ସୋନପୁର ୟୁନିଟ୍ ୧, ୨ ଓ ୩ ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରାଙ୍ଗଣରେ ତା୧୮.୧୧.୨୦୨୧ରିଖରେ ସମୟ-ଦିବା ୧୧ଘଟିକାରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକର ବିଷଦ୍ ବିବରଣୀ ଚୁଡ଼ାନ୍ତ ସର୍ବେକ୍ଷଣ ବିବରଣୀରେ ବର୍ଣ୍ଣନା ହୋଇଅଛି ।

ଜନଶୁଣାଣୀ ସମୟରେ କ୍ଷତିଗ୍ରସ୍ତ ତଥା ଅଞ୍ଚଳବାସୀମାନେ ବହୁସଂଖ୍ୟାରେ ଯୋଗଦେଇ ପ୍ରଶ୍ନୋତ୍ତର ମାଧ୍ୟମରେ ନିଜ ନିଜର ସନ୍ଦେହ ମୋଚନ କରିଥିଲେ ଏବଂ ପ୍ରକଳ୍ପ ନିର୍ମାଣ ସପକ୍ଷରେ ବହୁମତ ବ୍ୟକ୍ତ କରିବା ସହିତ ଉଚିତ ମୂଲ୍ୟରେ ନିଜର ଜମିକୁ ସରକାରଙ୍କ ରାସ୍ତା ଓ ଗୃହନିର୍ମାଣ ବିଭାଗକୁ ଦେବା ପାଇଁ ଆଗ୍ରହ ପ୍ରକାଶ କରିଥିଲେ । ଉକ୍ତ ଜନଶୁଣାଣୀ କାର୍ଯ୍ୟକ୍ରମରେ ଶ୍ରୀମତୀ ନିଶି ପୁନମ୍ ମିଞ୍ଜ୍, ଅତିରିକ୍ତ ଜିଲ୍ଲାପାଳ, ସୋନପୁର ସଭାପତିତ୍ୱ କରିଥିଲେ । ଅନ୍ୟ ଅଧିକାରୀଙ୍କ ମଧ୍ୟରେ ଶ୍ରୀ ନବୀନ କିଶୋର ପାଢ଼ୀ, ତହସିଲଦାର, ସୋନପୁର, ଶ୍ରୀ ଅଭିଳାଷ ପୁରୋହିତ, ଭୂ-ଅର୍ଜନ ଅଧିକାରୀ, ସୋନପୁର, ଶ୍ରୀ ଖଦାଳ ପାତ୍ର, ସହାୟକ ଜିଲ୍ଲାପାଳ, ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ସୋନପୁର, ଶ୍ରୀ ବିଭୂତି ପ୍ରକାଶ ମହାନ୍ତି, ଏସ୍.ଡ଼ି.ଓ., ରାସ୍ତା ଓ ଗୃହ ନିର୍ମାଣ ବିଭାଗ, ସୋନପୁର ଏବଂ 'ଷ୍ଟାର' ଅନୁଷ୍ଠାନର ନିର୍ଦ୍ଦେଶକ ଶ୍ରୀ ପଦ୍ମଚରଣ ଦାସ ଉପସ୍ଥିତ ଥିଲେ । ପ୍ରାରମ୍ଭରେ 'ଷ୍ଟାର'ର ନିର୍ଦ୍ଦେଶକ ଶ୍ରୀ ଦାସ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ କଣ ଓ କାହିଁକି କରାଯାଏ, ଅଧ୍ୟୟନକାରୀ ଦଳ କିପରି ତଥ୍ୟ ସଂଗ୍ରହ କରିଥିଲେ ଏବଂ କେଉଁମାନେ ଜମି ହରାଉଛନ୍ତି ସେ ବିଷୟରେ ସମ୍ୟକ ଆଲୋଚନା କରିଥିଲେ । ଏହାପରେ ଭୂ-ଅର୍ଜନ ଅଧିକାରୀ ଶ୍ରୀ ଅଭିଳାଷ ପୁରୋହିତ ଜମି ଅଧିଗ୍ରହଣ ଆଇନ୍‌ରେ କିପରି ସ୍ୱଚ୍ଛତା ଅବଲମ୍ବନ କରାଯାଉଛି ଏବଂ ଜନସାଧାରଣ କିପରି ଏହା ଦ୍ୱାରା ଉପକୃତ ହୋଇ ପାରିବେ ତାହା ଉପରେ ପୁଙ୍ଖାନୁପୁଙ୍ଖ ଭାବରେ ଆଲୋଚନା କରିଥିଲେ । ତହସିଲଦାର ଶ୍ରୀ ନବୀନ କିଶୋର ପାଢ଼ୀ ଏବଂ ସହାୟକ ଜିଲ୍ଲାପାଳ ଶ୍ରୀ ଖଦାଳ ପାତ୍ର ଜମି ହରାଉଥିବା ଜନସାଧାରଣ ଏବଂ ତତ୍ ସହିତ ସମୂହ ଭିତ୍ତିଭୂମି କିପରି ଏହାଦ୍ୱାରା ପ୍ରଭାବିତ ନହେବ ତାହା ଉପରେ ବିଷଦ ଆଲୋଚନା କରିଥିଲେ । ଷ୍ଟାର ର ସଂଯୋଜକ ଶ୍ରୀ ରାକେଶ ମହାନ୍ତି ଅଧ୍ୟୟନରେ ସଂଗୃହୀତ ତଥ୍ୟର ନିର୍ଯ୍ୟାସ ସମେତ ଗୋଷ୍ଠୀ ସହ ଆଲୋଚନା ହୋଇ ନିଷ୍କର୍ଷିତ ମତାମତକୁ ସର୍ବସମ୍ମୁଖରେ ପାଠ କରିଥିଲେ । ଏହାପରେ ପ୍ରଭାବିତ ଜନସାଧାରଣ ନିଜ ନିଜର ମତାମତ ଉପସ୍ଥାପନ କରିଥିଲେ ।

**ପ୍ରକାଶନ ଧାରା-୬**

ଜନଶୁଣାଣୀପରେ ପ୍ରାପ୍ତ ହୋଇଥିବା ସାମାଜିକ ପ୍ରଭାବ ଓ ଆକଳନ ଅଧ୍ୟୟନ ଏବଂ ସାମାଜିକ ପ୍ରଭାବ ପରିଚାଳନା ଯୋଜନା ବିବରଣୀକୁ ଆଇନ୍‌ର ଧାରା-୬ ମତେ ବିଧିବଦ୍ଧଭାବେ ପ୍ରକାଶନ କରାଯାଇଥିଲା ।

## ଆଇନ୍‌ର ଧାରା-୭, ଉପଧାରା-୧ ଅନୁସାରେ ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳଙ୍କ ଦ୍ୱାରା ଚୂଡ଼ାନ୍ତ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନର ମୂଲ୍ୟାୟନ ଓ ସୁପାରିସ୍ ।

ସଠିକ୍ କ୍ଷତି ପୂରଣ ଅଧିକାର ଓ ଜମି ଅଧିଗ୍ରହଣରେ ସ୍ୱଚ୍ଛତା, ଥଇଥାନ, ପୂନର୍ବାସ ଆଇନ, ୨୦୧୩ର ଧାରା - ୭, ଉପଧାରା-୧ ଅନୁସାରେ ଗଠିତ ହୋଇଥିବା 'ସ୍ୱତନ୍ତ୍ର ବହୁଦଶୀ ବିଶେଷଜ୍ଞ ଦଳ'ଙ୍କ ଦ୍ୱାରା ପୂର୍ବୋକ୍ତ ପ୍ରକାରେ ପ୍ରକାଶନ ହୋଇଥିବା ସାମାଜିକ ପ୍ରଭାବ ନିର୍ଦ୍ଧାରଣ ଚୂଡ଼ାନ୍ତ ରିପୋର୍ଟକୁ ଅନୁଧ୍ୟାନ କରିବା ପରେ ଏହାର ମୂଲ୍ୟାୟନ କରାଯାଇ ସରକାରଙ୍କ ନିକଟକୁ ଜଣାଇବାର ବ୍ୟବସ୍ଥା ରହିଅଛି ।

**ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳ**

୧. ପ୍ରଫୁଲ୍ଲ କୁମାର ରଥ, ଅବସରପ୍ରାପ୍ତ ପ୍ରଫେସର, ସାମାଜିକ ବିଶେଷଜ୍ଞ

୨. ଶ୍ରୀବତ୍ସ ମଲ୍ଲିକ, ସମାଜସେବୀ, ସାମାଜିକ ବିଶେଷଜ୍ଞ

୩. ପ୍ରକାଶ ସାହୁ, ପୂର୍ବତନ ଅଧ୍ୟକ୍ଷ, ସୋନପୁର ପୌର ପରିଷଦ

୪. ମନୋଜ ମେହେର, ପୂର୍ବତନ ୱାର୍ଡ଼ କାଉନ୍‌ସିଲର, ସୋନପୁର ପୌର ପରିଷଦ, ୟୁନିଟ୍ ୩

୫. ନିହାର ରଂଜନ କଅଁର, ଉପଜିଲ୍ଲାପାଳ, ସୋନପୁର, ପୂନର୍ବାସ ଓ ଥଇଥାନ ବିଶେଷଜ୍ଞ

୬. ସୂର୍ଯ୍ୟ ନାରାୟଣ ଦାଶ, ଅତିରିକ୍ତ ଜିଲ୍ଲାପାଳ, ସୁବର୍ଣ୍ଣପୁର, ପୂନର୍ବାସ ଓ ଥଇଥାନ ବିଶେଷଜ୍ଞ

୭. ଦାମୋଦର କୈବର୍ତ୍ତ, ନିର୍ବାହୀ ଯନ୍ତ୍ରୀ, ରାସ୍ତା ଓ ଗୃହନିର୍ମାଣ ବିଭାଗ, ସୋନପୁର, ବୈଷୟିକ ବିଶେଷଜ୍ଞ

ଉପରୋକ୍ତ ବ୍ୟକ୍ତିବିଶେଷମାନଙ୍କ ମଧ୍ୟରୁ ଶ୍ରୀଯୁକ୍ତ ସୂର୍ଯ୍ୟନାରାୟଣ ଦାଶ, ଅତିରିକ୍ତ ଜିଲ୍ଲାପାଳ, ସୁବର୍ଣ୍ଣପୁରଙ୍କୁ ବୈଠକର ଅଧ୍ୟକ୍ଷ ଭାବରେ ମନୋନୟନ କରାଯାଇଛି ।

**ସାମାଜିକ ପ୍ରଭାବ ନିର୍ଦ୍ଧାରଣ ସର୍ବେକ୍ଷଣର ମୂଲ୍ୟାୟନ ନିମନ୍ତେ ସମୀକ୍ଷା ବୈଠକ**

ଆଇନ୍‌ର ଧାରା-୭, ଉପଧାରା-୧ ଅନୁସାରେ ପ୍ରକାଶନ ହୋଇଥିବା ଚୂଡ଼ାନ୍ତ ସାମାଜିକ ପ୍ରଭାବ ନିର୍ଦ୍ଧାରଣ ସର୍ବେକ୍ଷଣର ମୂଲ୍ୟାୟନ ତଥା ସୁପାରିସ୍ ନିମନ୍ତେ ଗଠିତ ହୋଇଥିବା 'ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳ'ଙ୍କ ବୈଠକ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ମତେ ତା.୧୪.୧୨.୨୦୨୧ ପୂର୍ବାହ୍ନ ୧୧ ଘଟିକା ସମୟରେ ଅତିରିକ୍ତ ଜିଲ୍ଲାପାଳ ସୁବର୍ଣ୍ଣପୁରଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା ।

**ସାମାଜିକ ପ୍ରଭାବ ନିର୍ଦ୍ଧାରଣ ସର୍ବେକ୍ଷଣ ରିପୋର୍ଟର ମୂଲ୍ୟାୟନ**

ପ୍ରାପ୍ତ ହୋଇଥିବା ସାମାଜିକ ପ୍ରଭାବ ଆକଳନ ସର୍ବେକ୍ଷଣ ବିବରଣୀକୁ ଅନୁଧ୍ୟାନ କରି ଉପସ୍ଥିତ ବିଶେଷଜ୍ଞ ଦଳ ସନ୍ତୋଷ ପ୍ରକାଶ କରିଥିଲେ ।

ଏହି ରାସ୍ତା ପ୍ରକଳ୍ପ ଉପଯୁକ୍ତ ଇଂଜିନିୟରିଙ୍ଗ୍ ଡ଼ିଜାଇନ୍ ମାଧ୍ୟମରେ ପ୍ରସ୍ତୁତ କରାଯାଇ ଜମି ଅଧିଗ୍ରହଣରେ ପ୍ରତିକୂଳ ପ୍ରଭାବକୁ କମାଇବାକୁ ଯଥେଷ୍ଟ ପ୍ରଚେଷ୍ଟା କରାଯାଇଥିବା ବିଶେଷଜ୍ଞ ଦଳ ହୃଦ୍‌ବୋଧ କରିଥିଲେ ।

ଏହି ପରିପ୍ରେକ୍ଷୀରେ ଜନବସତି ବିସ୍ଥାପନକୁ ଯେପରି ସର୍ବନିମ୍ନରେ ସୀମିତ କରାଯିବ ସେଥିପ୍ରତି ଯଥେଷ୍ଟ ପଦକ୍ଷେପ ନିଆଯାଇଅଛି । ପୁନଶ୍ଚ ସର୍ବନିମ୍ନ ପରିମାଣର ବ୍ୟକ୍ତିଗତ ମାଲିକାନା ଜମିକୁ ଅଧିଗ୍ରହଣ କରି ପ୍ରସ୍ତାବିତ ରାସ୍ତା ପ୍ରକଳ୍ପ ନିର୍ମାଣ କରିବା ପାଇଁ ଉପଯୁକ୍ତ ପଦକ୍ଷେପ ନିଆଯାଇଅଛି । ଜନଶୁଣାଣୀରେ ଉତ୍ଥାପିତ କେତେକ ମତାମତ ପ୍ରତି ଦୃଷ୍ଟି ଆକର୍ଷଣ କରି ତାହାର ସମାଧାନ ନିମନ୍ତେ ନିମ୍ନମତେ ଆଲୋଚନା କରାଯାଇଥିଲା ।

୧. କ୍ଷତିଗ୍ରସ୍ତ ପ୍ରଜାମାନଙ୍କୁ ଜମିର ପ୍ରଚଳିତ ଆଇନ୍ ଦ୍ୱାରା ସ୍ୱୀକୃତି ଦରରେ କ୍ଷତିପୂରଣ ଦେବାପାଇଁ ବୈଠକରେ ପ୍ରସ୍ତାବ ରଖାଯାଇଥିଲା ।

୨. ଜମିର କ୍ଷତିପୂରଣ ପାଇବା ନିମନ୍ତେ ସ୍ୱତ୍ୱ ଲିପି ପ୍ରସ୍ତୁତ କରିବା ପାଇଁ ସ୍ଥାନୀୟ ତହସିଲ୍‌ଦାରଙ୍କୁ ଅନୁରୋଧ ପତ୍ର ପଠାଇବା ପାଇଁ ସ୍ଥିର କରାଗଲା ଏବଂ ବନ୍ଦୋବସ୍ତ କମିଶନରଙ୍କ ନିକଟରେ ବକେୟା ଥିବା ମକଦ୍ଦମାଗୁଡ଼ିକର ଫଇସଲାର ଆଦେଶ ମୁତାବକ ପ୍ରକୃତ ଜମି ମାଲିକଙ୍କୁ କ୍ଷତିପୂରଣ ରାଶି ପ୍ରଦାନ ନିମନ୍ତେ ପଦକ୍ଷେପ ନେବା ପାଇଁ ପ୍ରସ୍ତାବ ରଖାଗଲା ।

୩. ପ୍ରସ୍ତାବିତ ରାସ୍ତା ନିର୍ମାଣରେ ଅଧିକାଂଶ ସରକାରୀ ଜମି ଓ ସ୍ୱଳ୍ପ ପରିମାଣର ରୟତି ଜମି ପ୍ରଭାବିତ ହେଉଛି । ପୁନଶ୍ଚ ଜାତୀୟ ରାଜପଥ ୫୭କୁ ଏହି ରାସ୍ତା ସଂଯୋଗ କରୁଥିବାରୁ ଭବିଷ୍ୟତରେ ରାସ୍ତାଟି ରାଜପଥ ହେବାର ସମ୍ଭାବନାକୁ ଏଡ଼ାଇ ଦିଆ ଯାଇନପାରେ । ଏଣୁ ଏହି ରାସ୍ତାର ପ୍ରଶସ୍ତିକରଣକୁ ୬୬ ମିଟର ତଥା ଅଧିକ ଓସାରିଆ କରିବା ପାଇଁ ସର୍ବସମ୍ମତିକ୍ରମେ ପ୍ରସ୍ତାବ ଗ୍ରହଣ କରାଗଲା ।

୪. ଉନ୍ନତମାନର ଚିକିତ୍ସା ଏବଂ ଉନ୍ନତମାନର ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ଦିଗରେ ପ୍ରକଳ୍ପ ଅଧିକାରୀ ଅଗ୍ରାଧିକାର ଭିତ୍ତିରେ ପଦକ୍ଷେପ ନେବା ପାଇଁ ପ୍ରସ୍ତାବ ରଖାଗଲା ।

୫. ପ୍ରଭାବିତ ଅଞ୍ଚଳରେ ବ୍ୟାପକ ବୃକ୍ଷ ରୋପଣ, ଟ୍ରାଫିକ ନିୟନ୍ତ୍ରଣ, ପୋଲିସ୍ ବ୍ୟବସ୍ଥାକୁ ସୁଦୃଢ଼ କରିବା ଦିଗରେ ପଦକ୍ଷେପ ପାଇଁ ପ୍ରସ୍ତାବ ନିଆଗଲା ।

ପରିଶେଷରେ ବିଶେଷଜ୍ଞ ଦଳ ସାମାଜିକ ପ୍ରଭାବ ଆକଳନ ସର୍ବେକ୍ଷଣ ବିବରଣୀକୁ ପ୍ରାଞ୍ଜଳ ଭାବରେ ଅନୁଧ୍ୟାନ କରି ଏହା ଏକ ଉତ୍କୃଷ୍ଟ ଏବଂ ଉପଯୁକ୍ତ ସର୍ବେକ୍ଷଣ ବିବରଣୀ ପ୍ରସ୍ତୁତ ହୋଇଥିବା ହୃଦ୍‌ବୋଧ କରି ଉଚ୍ଚପ୍ରଶଂସା କରିଥିଲେ ।

ଏହି ଉରିଥାକିଆ ରାସ୍ତା ପ୍ରକଳ୍ପଟି ସମ୍ପୂର୍ଣ୍ଣ ହେଲେ ଏହା ଅଞ୍ଚଳବାସୀ ତଥା ଜିଲ୍ଲାର ସର୍ବାଙ୍ଗୀନ ଉନ୍ନତି ଏବଂ ଶିଳ୍ପ ବିକାଶ ଦିଗରେ ସହାୟକ ହେବା ସଙ୍ଗେ ସଙ୍ଗେ ପଡ଼ୋଶୀ ଜିଲ୍ଲା ଯଥା ବଲାଙ୍ଗୀର, ବୌଦ୍ଧ ଓ ସମ୍ବଲପୁର ସହିତ ଗମନାଗମନରେ ବହୁ ମାତ୍ରାରେ ସହାୟକ ହେବ ।  ଏହି ରାସ୍ତାର ନିର୍ମାଣ ଅଞ୍ଚଳବାସୀଙ୍କ ବହୁ ପ୍ରତିକ୍ଷୀତ ଦାବୀ ପୂରଣ ହେବ ବୋଲି କମିଟି ମତବ୍ୟକ୍ତ କରିଛନ୍ତି ।

ନୂତନ ଆଇନ୍ ଅନୁସାରେ ଜମି ଅଧିଗ୍ରହଣରେ ସ୍ୱଚ୍ଛତା, ଥଇଥାନ ଓ ପୂନର୍ବାସ ଆଇନ୍, ୨୦୧୩ ବ୍ୟବସ୍ଥାକୁ ପର୍ଯ୍ୟାଲୋଚନା କରିବା ପରେ ପ୍ରସ୍ତୁତ ହୋଇଥିବା ସାମାଜିକ ପ୍ରଭାବ ଆକଳନ ସର୍ବେକ୍ଷଣ ରିପୋର୍ଟକୁ ସୁପାରିସ୍ କରି ଯଥାଯୋଗ୍ୟ ସରକାରଙ୍କ ନିକଟକୁ ପ୍ରେରଣ କରିବା ପାଇଁ ନିଷ୍ପତ୍ତି ନିଆଗଲା । ଉକ୍ତ ପ୍ରକଳ୍ପ ଟି ସର୍ବସାଧାରଣଙ୍କ ହିତ ନିମନ୍ତେ ଉଦ୍ଦିଷ୍ଟ । ପ୍ରକଳ୍ପ ନିର୍ମାଣ ଫଳରେ ହେବାକୁ ଥିବା କ୍ଷୟକ୍ଷତି ଅପେକ୍ଷା ଅଞ୍ଚଳ ତଥା ଜିଲ୍ଲାର ସମୂହ ବିକାଶରେ ଅଧିକ ସହାୟକ ହେବ ବୋଲି ବିଶେଷଜ୍ଞ ଦଳ ହୃଦ୍‌ବୋଧ କଲେ ।

ସଭା ଶେଷରେ ଆବାହକ ତଥା ଭୂ-ଅର୍ଜନ ଅଧିକାରୀ ଉପସ୍ଥିତ ସମସ୍ତ ସଭାସଦ୍ ତଥା ଅଧକ୍ଷଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

ଅତିରିକ୍ତ ଜିଲ୍ଲାପାଳ ତଥା ଅଧ୍ୟକ୍ଷ
ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳ
ସୁବର୍ଣ୍ଣପୁର

Prakash chandra Sahu
14.12.21

ଜ୍ଞାପକ ସଂଖ୍ୟା ୧୨୬୪୮ ତାରିଖ ୧୪-୧୨-୨୦୨୧

ଏହାର ଏକକିତା ନକଲ ଉପଜିଲ୍ଲାପାଳ, ସୋନପୁର / ତହସିଲ୍‌ଦାର, ସୋନପୁର / ନିର୍ବାହୀ ଅଧିକାରୀ, ସୋନପୁର ପୌର ପରିଷଦ/ନିର୍ବାହୀ ଯନ୍ତ୍ରୀ, ରାସ୍ତା ଓ ଗୃହନିର୍ମାଣ ବିଭାଗ, ସୁବର୍ଣ୍ଣପୁରଙ୍କୁ ବିହିତ କାର୍ଯ୍ୟାନୁଷ୍ଠାନ ଓ ଜନସାଧାରଣଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଅତିରିକ୍ତ ଜିଲ୍ଲାପାଳ ତଥା ଅଧ୍ୟକ୍ଷ
ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳ
ସୁବର୍ଣ୍ଣପୁର

ଜ୍ଞାପକ ସଂଖ୍ୟା ୧୨୬୪୯ ତାରିଖ ୧୪-୧୨-୨୧

ଏହାର ଏକକିତା ନକଲ ଡ଼ି.ଆଇ.ଓ., ଏନ୍.ଆଇ.ସି.ଙ୍କୁ ଜିଲ୍ଲା ୱେବ୍‌ସାଇଟ୍‌ରେ ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ଅତିରିକ୍ତ ଜିଲ୍ଲାପାଳ ତଥା ଅଧ୍ୟକ୍ଷ
ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳ
ସୁବର୍ଣ୍ଣପୁର